# Akashvani, Sambalpur

## SAMBALPURI NEWS BULLETIN

### 19 August 2024- 6.47- 6.52 am.

********************************************

ଗହ୍ମାପୁନି, ରାକ୍ଷୀପୁନି　　　　ଆର୍ଏନ୍ୟୁ ସମ୍ବଲପୁର୍

ଭାଏ ବହେନ୍କର୍ ଭିତ୍ରେ ସ୍ନେହ ଆଉ ବନ୍ଧନ୍ର ପରବ୍ ରାକ୍ଷୀ ପୁନି ଆଏଜ୍ ପାଲନ୍ କରାଯାଉଛେ । ବହେନ୍ମାନେ ଭାଏ ମାନ୍କର୍ ମଙ୍ଗଲ୍ ମନାସି କରି ତାଙ୍କର୍ ହାତେ ରାକ୍ଷୀ ବାନ୍ଧ୍ସନ୍ । ଇତାର୍ଛଡ଼ା ଗାଁଗହଲ୍ନ ଗହ୍ମାପୁନି ଅବ୍ସରେ ଗାଈଗୋରୁଙ୍କର୍ ପୂଜା ଅର୍ଚ୍ଚନା କରାଯାଉଛେ ।

ସେନ୍ତା ଆଏଜ୍ ପ୍ରଭୁ ଶ୍ରୀ ବଳଭଦ୍ରଙ୍କର୍ ଜନମ୍ଦିନ୍ । ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଗହ୍ମା ପୂର୍ଣ୍ଣିମା ଆଉ ବଡ଼ ଠାକୁର ଶ୍ରୀବଳଭଦ୍ରଙ୍କର୍ ଜନ୍ମୋତ୍ସବ୍ ଲାଗି ନୀତି ଧାରିଜ୍ କରାଯାଇଛେ । ଦେବୀ ସୁଭଦ୍ରା - ଦୁଇ ଭାଇ ଶ୍ରୀ ବଳଭଦ୍ର ଆର୍ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ହାତେ ରାଖି ବାନ୍ଧ୍ବେ । ପ୍ରଭୁ ଶ୍ରୀ ବଳଭଦ୍ର ଆର୍ ଶ୍ରୀଜଗନ୍ନାଥଙ୍କୁ ୨ଟା ଲେଖା ରାକ୍ଷୀ ଆର୍ ୨ ଟା ଲେଖା ଗୁଆମାଳ ପିନ୍ଧାଯିବା । ମାହାପୁରୁ ଶ୍ରୀ ଜଗନ୍ନାଥ ହଲ୍ଦିଆ ଆର୍

ଲାଲ୍ ରଙ୍ଗ ଆର୍ ବଳଭଦ୍ର ବାଇଗଣି ଆର୍ ନୀଲିଆ ରଙ୍ଗର୍ ଗୁଆମାଲ୍ ପିନ୍ଧ୍‌ବେ ।

ସମ୍ବଲପୁରର ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିର୍ ସହେତେ ଅଲ୍‌ଗା ଗୁଡ଼ି ଆର୍ ମଠ ମାନ୍‌କେ ଭିଲ୍ ଆଏଜ୍ ସଖାଲୁ ଇଥିର୍‌ଲାଗି ଭକ୍ତମାନ୍‌କର୍ ଭିଡ଼୍ ଦେଖ୍‌ବାର୍‌କେ ମିଳିଛେ ।

ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ସାଙ୍ଗେ ରାକ୍ଷୀପୁନି ପାଲନ୍ କର୍‌ବାର୍ ଲାଗି ରାଜ୍ୟର୍ ଭିନ୍ ଭିନ୍ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପ୍ରାପ୍ତ ବିଦ୍ୟାଳୟର୍ ୨୫ ଝନ୍ ଛାତ୍ରଛାତ୍ରୀ ନୂଆଦିଲ୍ଲୀ ଯାଇଛନ୍ । ଆଏଜ୍ ସଖାଲ୍‌ବେଲା ସାଢ଼େ ୧୦ ବଜେ ରାଷ୍ଟ୍ରପତି ଭବନ୍ ନ ରାକ୍ଷୀପୁନି ଉତ୍ସବ୍ ପାଳନ୍ କରାଯିବା । ଉତ୍ସବ୍ ପାଳନ୍ ଉତାରୁ ରାଷ୍ଟ୍ରପତିଙ୍କର୍ ସାଙ୍ଗେ ଛାତ୍ରଛାତ୍ରୀମାନ୍‌କର୍ ସ୍ୱତନ୍ତ୍ର ସାକ୍ଷାତ୍‌କାର୍ କାର୍ଯ୍ୟକ୍ରମ୍ ଭିଲ୍ ଆୟୋଜନ୍ କରାଯାଇଛେ । ଇ ସାକ୍ଷାତ୍‌କାର୍ ଜରିଏ ରାଷ୍ଟ୍ରପତି ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଭିନ୍ ଭିନ୍ ବିଷେ ଆଲୋଚନା କର୍‌ବେ । ରାଜ୍ୟ ସର୍‌କାର୍‌ଙ୍କର୍ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ସାହାଜ୍‌ଥି ୨୫ ଝନ୍ ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ ୫ ଝନ୍ ଶିକ୍ଷକ୍ ଶିକ୍ଷୟତ୍ରୀ ଆର୍ ନୋଡ଼ାଲ୍ ଅଧିକାରୀ ନୂଆଦିଲ୍ଲୀ ଯାଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗହ୍ମା ପୂନି ଆଉ ପ୍ରଭୁ ବଳଦେବଙ୍କର୍ ଜନମ୍ ଦିନ୍ ଅବ୍ସରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ୍ ଅଭିନନ୍ଦନ୍ ଆର୍ ଶୁଭେଚ୍ଛା ଜନେଇଛନ୍ । ଗୁଟେ ବାର୍ତାଥି ମୁଖ୍ୟମନ୍ତ୍ରୀ ଗହ୍ମାପୁନି ସାମାଜିକ ଆଉ ସାଂସ୍କୃତିକ୍ ପରମ୍ପରାର୍ ବାର୍ତା ବହ ବଲି କହିଛନ୍ । ଇ ଅବ୍ସରେ ଗୋପୂଜା କରାଯାଏସି ଯେନ୍‌ଟାକି ମାନବ୍ ସମାଜ୍ ଲାଗି ଗୋ ଜାତିର ଅବଦାନ୍‌କେ ବିଷେକେ ସୋର୍ ପକାସି ।

ଚାଷୀ ପଞ୍ଜିକରଣ          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜର୍ ମାର୍କେଟ୍‌ୟାର୍ଡ୍‌ମାନ୍‌କେ ଧାନ୍ ବିକ୍ରି ଲାଗି ଚାଷୀମାନ୍‌କର୍ ନାଁ ପଞ୍ଜିକରଣ୍ ସମିଆକେ ଆଏବା ୨୨ ତାରିଖ୍‌ତକ୍ ବଢ଼ାଯାଇଛେ । ଇତାର୍‌ସହେତେ ଫର୍ମ ଡିଜିଟାଇଜେସନ୍ କର୍‌ବାର୍ ଶେଷ୍ ଦିନ୍ ଆଏବା ୨୮ ତାରିଖ୍ ତକ୍ ରହିଛେ । ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ୨୦୨୪-୨୫ ଥି ଧାନ୍‌ଘିନା ଲାଗି କୃଷକ୍ ପଞ୍ଜିକରଣ୍ ସମିଆ ବଢ଼ାଯାଇଥିବାର୍ ବିଷେ ସାମାଜିକ ଗଣମାଧ୍ୟମ୍‌ଥି ସୂଚ୍‌ନା ଦିଆଯାଇଛେ ।

ବିଏଡ୍ ନାଁଲେଖା            ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ବିଏଡ୍ ଥି ପହେଲା ଖେପେ ୮୦ ପ୍ରତିଶତ୍ ଛାତ୍ରଛାତ୍ରୀ ନାଁ ଲେଖେଇଛନ୍ । ବିଏଡ୍‌ଥି ୮୩ ପ୍ରତିଶତ୍ ସିଟ୍ ପୁରା ହେଇଥିବାର୍ ବେଲେ ଏମ୍ଏଡ୍‌ଥି ୫୫ ପ୍ରତିଶତ୍ ସିଟ୍ ପୁରା ହେଇଛେ । ଇନ ଜନେଇ ଦିଆଯାଇପାରେ ଯେ, ୨ ନମ୍ବର୍ ଖେପ୍ ମେଧା ତାଲିକା ଆଏବା ୨୪ ତାରିଖ୍ ଦିନ ବାହାର୍‌ବା । ଇଥି ନାଁଲେଖା ଲାଗି ବଛା ହେଇଥିବା ଛାତ୍ରଛାତ୍ରୀମାନେ ୨୪ ନୁ ୨୮ ତାରିଖ୍ ଭିତ୍‌ରେ ସାମ୍ସ ପୋର୍ଟାଲ୍ ଜରିଏ ଅନ୍‌ଲାଇନ୍ ପେମେଂଟ୍ କରିପାର୍‌ବେ । ୨୭ ନୁ ୨୯ ତାରିଖ୍ ଭିତ୍‌ରେ ନାଁଲେଖା ହେବା । ସେନ୍ତା ସେପ୍ଟେମ୍ବର୍ ୫ ତାରିଖ୍ ଦିନ ୩ ନମ୍ବର୍ ଖେପ୍ ନାଁଲେଖା ଲାଗି ମେଧା ତାଲିକା ବାହାର୍‌ବା ।

ଗଙ୍ଗାଧର୍ ମେହେର- ଜୟନ୍ତୀ          ଆର୍ଏନ୍ୟୁ / ସମ୍ବଲପୁର

ସ୍ୱଭାବକବି ଗଙ୍ଗାଧର୍ ମେହେର୍‌ଙ୍କର୍ ଆଏଜ୍ ଜନମ୍‌ଦିନ୍ ଆଏ । ୧୮୬୨ ମସିହା ଶ୍ରାବଣ ପୁନି ଦିନ ଇ ଯୋଗଜନ୍ମା କବି ଅବିଭକ୍ତ ସମ୍ବଲ୍‌ପୁର୍ ଜିଲ୍ଲାର୍ ବର୍‌ପାଲି ନ ଜନମ୍ ହେଇଥିଲେ । ଆଲୋକ ଆଉ ଅମୃତର କବି କୁହାଯାଉଥିବା ଗଙ୍ଗାଧର୍

ମେହେର୍‌ଙ୍କର୍ ତପସ୍ୱିନୀ, ପ୍ରଣୟବଲ୍ଲରୀ, ଇନ୍ଦୁମତୀ, କିଚକବଧ ଆର୍ ଅର୍ଘ୍ୟଥାଳି କବିତା ଗ୍ରନ୍ଥ ତାଙ୍କର୍ ସାରସ୍ୱତ ସାଧନାର ଅମର ସୃଷ୍ଟି ଆଏ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ତାଙ୍କର୍ ଜୟନ୍ତୀ ପାଲନ୍ କରାଯାଉଛେ । ତାଙ୍କର୍ ଜନମ୍ ସ୍ଥାନ୍ ବର୍‌ଗଡ଼୍ ଜିଲ୍ଲାର୍ ବର୍‌ପାଲି ସହେତେ ସମ୍ବଲ୍‌ପୁର୍‌ର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଆଉ ଭିନ୍ ଭିନ୍ ଜାଗା ନ ସ୍ୱତନ୍ତ୍ର ଉତ୍ସବ୍ ସମାରୋହ ଆୟୋଜନ୍ କରାଯାଇଛେ ।

ଅଧିକାରୀ- ଅଦଲ୍‌ବଦଲ ଆର୍‌ଏନ୍‌ୟୁ /ସମ୍ବଲପୁର

ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ଅଧିକାରୀମାନ୍‌କର୍ ଭିତ୍‌ରେ ଅଦଲ୍‌ବଦଲ୍ କରାଯାଇଛେ । ୧୨ ଝନ୍ ଉପଖଣ୍ଡ ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀଙ୍କୁ ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀ ଭାବେ ପଦୋନ୍ନତି ଦିଆଯାଇଛେ ।

ଚଡ଼କ୍ ମାରିକରି ୭ ମୃତ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଗଲାକାଏଲ୍ ଚଡ଼କ୍ ମାରିକରି ଆଉ ୭ ଝନ୍‌କର୍ ଜୀବନ୍ ଯାଇଛେ । ଇଟାକେ ମିଶେଇକରି ଗଲା ୨ ଦିନ୍ ଭିତ୍‌ରେ ରାଏଜେ ଚଡ଼କ୍‌ମରାଥି ମୃତ୍ୟୁ ସଂଖ୍ୟା ୧୭ ହେଇଛେ ।

ସେଆଡ଼େ ଗଲା କେତେ ଦିନ୍ ହେଲା ରାଜ୍ୟର୍ ଭିନ୍ ଭିନ୍ ଜାଗାନ ଚଡ଼କ୍ ମରାଥି ଲୁକ୍‌କର୍ ଜୀବନ୍ ଯାଉଥିବାର୍‌ନୁ ଚଡ଼କ୍ ମରା ସମିଆଥି ନିଜକୁ ସୁରକ୍ଷିତ୍ ରଖିବାର୍‌କେ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ତର୍‌ଫୁ ଲୋକ୍‌ମାନ୍‌କୁ ନିବେଦନ୍ କରାଯାଇଛେ । ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଜାରି ପ୍ରେସ୍ ଇସ୍ତାହାର୍‌ଥି ଚଡ଼କ୍ ମାରୁଥିବାର୍ ସମିଆଥି ଘର୍ ବାହାରେ ଥିଲେ ଯେତ୍‌କି ଜଲ୍‌ଦି ପାର୍‌ବେ ଲୁଇଁଯାଇକରି ଆଣ୍ଠୁ ବଙ୍କା କରି ଆଗ୍‌କେ ଝୁଲିକରି ବସ୍‌ବାର୍‌କେ ପରାମର୍ଶ ଦିଆଯାଇଛେ । କେତେବେଲେ ଭିଲ୍ ଭୂଇଁଥି ଚିତ୍ ହେଇକରି ନାଇଁ ଶୁଇବାର୍‌କେ କୁହାଯାଇଛେ ।

ସୁପର୍‌ମୁନ          ଆର୍‌ଏନ୍‌ୟୁ / ସମ୍ବଲପୁର

୨୦୨୪ ମସିହାର୍ ପହେଲା ସୁପର୍‌ମୁନ୍ ଆଏଜ୍ ଦେଖାଯିବା । ସାଧାରଣ୍ ଦିନ ଚନ୍ଦ୍ର ପୂର୍ଣ୍ଣଚନ୍ଦ୍ର ନୁ ପାଖାପାଖି ୯ ପ୍ରତିଶତ୍ ବଡ଼ ସହେତେ ୨୦ ପ୍ରତିଶତ୍ ଉଜଲ୍ ଦିସ୍‌ବା । ହେଲେ ଚନ୍ଦ୍ରର୍ ରଙ୍ଗ

ସଙ୍ଗେ ଇତାର୍ କେନ୍‌ସି ସମ୍ପର୍କ ନାଇଁନ । ବଛର୍‌କ ଥରେ ହେଉଥିବାର୍‌ନୁ ଇଟା ଗୁଟେ ବିରଳ ଘଟ୍‌ନା ବଲି କୁହାଯାଉଛେ ।

ବିଶ୍ୱ ଫଟୋଗ୍ରାଫି ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଫଟୋଗ୍ରାଫି ଦିବସ୍ । ୧୮୩୯ ମସିହା ଜାନୁଆରୀ ମାସ ୯ ତାରିଖ୍ ଦିନ ପୁର୍‌ଥି ନ ପହେଲାକରି ଫଟୋଗ୍ରାଫି ମୁଲ୍ ହେଇଥିଲା । ଫ୍ରାନ୍ସ ବୈଜ୍ଞାନିକ ଯୋଶେପ୍ ଆର୍ ଲୁଇସ୍ ଫଟୋଗ୍ରାଫି ଆରମ୍ଭ୍ କରିଥିଲେ । ହେଲେ ଫ୍ରାନ୍ସ ସର୍‌କାର୍ ଇ ବିଷେଥି ୧୮୩୯ ମସିହା ଅଗଷ୍ଟ ମାସ ୧୯ ତାରିଖ୍‌ଥି ଘୋଷ୍‌ନା କରିଥିବାର୍‌ନୁ ଆଝିର୍ ଦିନ୍‌କେ ବିଶ୍ୱ ଫଟୋଗ୍ରାଫି ଦିବସ୍ ଭାବେ ପାଲନ୍ କରାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ଏଛେନ୍ ବାଂଲାଦେଶ୍‌ର ଦକ୍ଷିଣ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ କେନ୍ଦ୍ରୀଭୂତ ହେଇଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍ କେନ୍ଦୁଝର୍ , ସୁନ୍ଦର୍‌ଗଡ୍, ଦେବ୍‌ଗଡ୍, ଝାର୍‌ସୁଗୁଡ଼ା ଆର୍ ସମ୍ବଲ୍‌ପୁର୍‌ର ଭିନ୍

ଭିନ୍ ଜାଗା ନ ୭୦ ନୁ  ଶହେ ୧୦ ମିଲିମିଟର୍ ବର୍ଷା ହେଇପାରେ । ସେନ୍ତା ଆଏବାକାଏଲ୍ ସୁନ୍ଦର୍‌ଗଡ୍, ଦେବ୍‌ଗଡ୍, ଝାର୍‌ସୁଗୁଡ଼ା ଆର୍ ବର୍‌ଗଡ୍ ଜିଲ୍ଲାର୍ କେତେଟା ଜାଗା ନ ଜବର୍ ବର୍ଷା ହେଇପାରେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର, ଭୁବ୍‌ନେଶ୍ୱର୍ ତର୍‌ଫୁ ସୂଚ୍‌ନା ମିଲିଛେ ।